# NATIONAL NEWS BULLETIN (ODIA)

**30 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୧୫ ଜଣ ନର୍ସିଂବୃତ୍ତିଧାରୀଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟେଙ୍ଗଲ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି
- ଦେଶ ବାହାରେ ହେଉ କି ଭିତରେ ହେଉ, ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଆମେ ସଂକଳ୍ପବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ
- ବିହାରରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ
- ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ୫ ହଜାର ୩୭୫ ଜଣ ଭାରତୀୟ ଶାନ୍ତିଦୂତଙ୍କୁ ସମ୍ମାନିତ କଲା ଜାତିସଂଘ

ଏବଂ

- ଆଇପିଏଲ୍ କ୍ରିକେଟ୍ ସିରିଜ୍‌ରେ ଆଜି ଏଲିମିନେଟର ପର୍ଯ୍ୟାୟରେ ମୁହାଁମୁହିଁ ହେବେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ

## ଫ୍ଲୋରେନ୍ସ-ନାଇଟେଙ୍ଗଲ ଆୱାର୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୧୫ଜଣ ନର୍ସିଂ ବୃତ୍ତିଧାରୀଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟେଙ୍ଗଲ୍ ପୁରସ୍କାର -୨୦୨୫ ପ୍ରଦାନ କରିଛନ୍ତି । ନର୍ସିଂ କ୍ଷେତ୍ରରେ ଉତ୍କୃଷ୍ଟ ଯୋଗଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ

ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା,  ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଏବଂ ପ୍ରତାପ ରାଓ ଯାଦବ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନର୍ସ ଏବଂ ନର୍ସିଂବୃତ୍ତି କ୍ଷେତ୍ରରେ ପ୍ରଶଂସନୀୟ ସେବା ପାଇଁ ଜାତୀୟ ଫ୍ଲୋରେନ୍ସ ନାଇଟେଙ୍ଗଲ ପୁରସ୍କାର  ୧୯୭୩ ମସିହାଠାରୁ ପ୍ରଦାନ କରି ଆସୁଛି ।

# ପିଏମ୍-ବିହାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆତଙ୍କବାଦ ବିରୁଦ୍ଧରେ ଭାରତର ସଂଗ୍ରାମ ଜାରି ରହିବ ଏବଂ ଏହା କେବେ ବନ୍ଦ ହେବ ନାହିଁ। ସେ କହିଛନ୍ତି, ଆତଙ୍କବାଦ ଦେଶର ସୀମା ବାହାରେ ହେଉ କିମ୍ବା ଦେଶ ଭିତରେ ହେଉ, ଏହାର ମୂଳୋତ୍ପାଟନ ପାଇଁ ଆମେ ସଂକଳ୍ପବଦ୍ଧ । ଶ୍ରୀ ମୋଦୀ କହିଛନ୍ତି, ପାକିସ୍ତାନ ଏବଂ ସାରା ବିଶ୍ୱ ଭାରତର ଝିଅଙ୍କ ସିନ୍ଦୂରର ଶକ୍ତି ଏବଂ ଅପରେସନ ସିନ୍ଦୂର ସମୟରେ ବିଏସ୍ଏଫ୍‌ର ଅଭୂତପୂର୍ବ ବୀରତ୍ୱ ଓ ସାହସ ଦେଖିଛି । ସେ କହିଛନ୍ତି, ଶତ୍ରୁମାନେ ଜାଣିବା ଉଚିତ ଯେ, ଏହା କେବଳ ଆମର ତୂଣୀର ଏକ ତୀର ଅଟେ । ଶ୍ରୀ ମୋଦୀ କହିଛନ୍ତି, ଦେଶର ଶତ୍ରୁ ଆତଙ୍କବାଦୀ ହେଉ କିମ୍ବା ନକ୍ସଲବାଦୀ ହେଉ, ଏହାର ତୁରନ୍ତ ନିର୍ଣ୍ଣାୟକ ଭାବେ ମୁକାବିଲା କରାଯିବ ।

**V/O (PM Sindur)**

ଶ୍ରୀ ମୋଦୀ ଆଜି ବିହାରର କର୍କଟାଠାରେ ୪୮ ହଜାର ୫୨୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଏକ ଜନସମାବେଶକୁ ସମ୍ବୋଧନ କରି କହିଛନ୍ତି, ଡବଲ୍

ଇଞ୍ଜିନ ସରକାର ବିହାରର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ ଜାରି ରଖିଛି ।

ଏହି କ୍ରମରେ ଆଜି ହଜାର ହଜାର କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହୋଇଛି । ପ୍ରଧାନମନ୍ତ୍ରୀ ୨୨ ନମ୍ବର ଜାତୀୟ ରାଜପଥର ଚାରିଲେନ୍ ବିଶିଷ୍ଟ ପାଟନା-ଗୟା-ଧୋବୀ ସେକ୍ସନକୁ ଉଦ୍‌ଘାଟନ କରିବା ସହ ୫ ହଜାର ୫୦୦ କୋଟି ଟଙ୍କାର ଏକ ପ୍ରକଳ୍ପ, ୨୭ ନମ୍ବର ଜାତୀୟ ରାଜପଥର ଗୋପାଳଗଞ୍ଜ ଟାଉନ୍‌ଠାରେ ୨୪୯ କୋଟି ଟଙ୍କା ମୂଲ୍ୟର ଏକ ଚାରିଲେନ୍ ବିଶିଷ୍ଟ ରାଜପଥର ଏକ ଅଂଶକୁ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପାଟନା-ଗୟା-ଧୋବି ରାଜପଥ ବିହାରର ପାଟନା ଓ ଐତିହ୍ୟ ନଗରୀ ଗୟା ମଧ୍ୟରେ ସଂଯୋଗ ସ୍ଥାପନ କରିବ ।

**V/O (PM 4 lane)**

ପ୍ରଧାନମନ୍ତ୍ରୀ ୧ହଜାର ୩୩୦ କୋଟି ଟଙ୍କା ମୂଲ୍ୟର ସନ୍‌ନଗର ଏବଂ ମହମ୍ମଦଗଞ୍ଜ ମଧ୍ୟରେ ତୃତୀୟ ରେଳଲାଇନ୍‌କୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଔରଙ୍ଗାବାଦ ଜିଲ୍ଲାସ୍ଥିତ ନବୀନଗରରେ ଏନ୍‌ଟିପିସି ସୁପର ଥର୍ମାଲ୍ ପାୱାର ପ୍ରୋଜେକ୍ଟ ର ସଂପ୍ରସାରିତ ଦ୍ୱିତୀୟ ଭାଗର ନିର୍ମାଣର ଶୁଭାରମ୍ଭ କରିଛନ୍ତି । ଏହାକୁ ମିଶାଇ ୩ଟି ୟୁନିଟ୍‌ରୁ ୨ହଜାର ୪୦୦ ମେଗାୱାଟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି । ଏଥିଲାଗି ୨୯ ହଜାର ୯୩୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ପ୍ରକଳ୍ପ ଶେଷ ହେଲା ପରେ ବିହାର, ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା, ପଶ୍ଚିମବଙ୍ଗ ଓ ପୂର୍ବଭାରତର ଅନେକ ଅଞ୍ଚଳରେ ଶକ୍ତି ସଂକଟର ସମାଧାନ ହୋଇପାରିବ ।

---

# ପିସ୍ କିପର ଆୱାର୍ଡ

ଜାତିସଂଘ ପକ୍ଷରୁ ଭାରତୀୟ ଶାନ୍ତିଦୂତ ବ୍ରିଗେଡିୟର ଅମିତାଭ ଝା ଏବଂ ହାବିଲ୍‌ଦାର ସଂଜୟ ସିଂଙ୍କୁ ସମ୍ମାନିତ କରାଯାଇଛି । ଉଭୟ ବ୍ରିଗେଡିୟର ଝା ଏବଂ ହାବିଲଦାର ସିଂ ଶାନ୍ତିରକ୍ଷା ଅଭିଯାନରେ ପ୍ରାଣବଳୀ ଦେଇଥିଲେ । ଭାରତର ସ୍ଥାୟୀ ପ୍ରତିନିଧି ପି.ହରିଶ, ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍‌ଙ୍କଠାରୁ ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କ ପାଇଁ ସମ୍ମାନସୂଚକ ପଦକ ଗ୍ରହଣ କରିଛନ୍ତି ।

ବ୍ରିଗେଡିୟର ଅମିତାଭ ଝା ଇସ୍ରାଏଲ୍ ଏବଂ ସିରିଆ ମଧ୍ୟରେ ୧୯୭୩ ଯୁଦ୍ଧ ପରେ ଅସ୍ତ୍ରବିରତି ପରିସ୍ଥିତି ନିରୀକ୍ଷଣ କରିବା ଲାଗି ଗୋଲାନ୍ ହାଇଟ୍‌ସରେ ଜାତିସଂଘ ପକ୍ଷରୁ କମାଣ୍ଡର ଭାବେ ନିରୀକ୍ଷର କରୁଥିଲେ । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ କହିଛନ୍ତି, ଅମିତାଭ ଝା'ଙ୍କ ବଳିଷ୍ଠ ନେତୃତ୍ୱ ଏବଂ ପ୍ରତିବଦ୍ଧତା ପାଇଁ ତାଙ୍କୁ ସ୍ମରଣ କରାଯାଉଛି । ବ୍ରିଗେଡିୟର ଝା କଙ୍ଗୋରେ ମଧ୍ୟ ସାମରିକ ନିରୀକ୍ଷକ ଭାବେ ୨୦୦୫ରୁ ୨୦୦୬ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ହାବିଲଦାର ସଂଜୟ ସିଂ ମଧ୍ୟ କଙ୍ଗୋରେ ଦାୟିତ୍ୱ ନେଇଥିଲେ ।

ଗତକାଲି ୭୭ତମ ଜାତିସଂଘ ଶାନ୍ତିରକ୍ଷା ଦିବସ ପାଳନ ଅବସରରେ ୬୧ ହଜାର ୩୫୩ ଜଣ ଶାନ୍ତିଦୂତଙ୍କୁ ସମ୍ମାନିତ କରାଯାଇଛି । ସେମାନଙ୍କ ମଧ୍ୟରେ ୫ ହଜାର ୩୭୫ ଜଣ ଭାରତୀୟ ଅଛନ୍ତି । ଗତକାଲି ମଧ୍ୟ ଭାରତୀୟ ସେନା ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଜାତୀୟ ଯୁଦ୍ଧ ସ୍ମାରକୀରେ ସ୍ମତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ଏହି ଅବସରରେ ସେନାବାହିନୀ ଉପମୁଖ୍ୟ ଲେଫ୍ଟନାଣ୍ଟ

ଜେନେରାଲ୍ ରାକେଶ କପୁର ୧୮୨ ଜଣ ଭାରତୀୟ ଶାନ୍ତିଦୂତଙ୍କୁ ମରଣୋତ୍ତର ଭାବେ ସମ୍ମାନିତ  କରିଥିଲେ ।

## ଶାହା-ଜେକେ ଭିଜିଟ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଜାମ୍ମୁ କାଶ୍ମୀରର ପୁଞ୍ଚ ସହର ଗସ୍ତ କରିବା ଅବସରରେ ସେଠାରେ ପାକିସ୍ତାନ ପକ୍ଷରୁ ମୋର୍ଟାର ମାଡରେ କ୍ଷତିଗ୍ରସ୍ତ ହୋଇଥିବା ସମ୍ପତ୍ତି ଓ ଧାର୍ମିକସ୍ଥଳ ବୁଲି ଦେଖିଥିଲେ । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ସହ ଜାମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ବରିଷ୍ଠ ଅଧିକାରୀ, ସୁରକ୍ଷା ଅଧିକାରୀ ସଂପୃକ୍ତ ଅଞ୍ଚଳ ଗସ୍ତ କରି କ୍ଷତିଗ୍ରସ୍ତ ପରିବାରଗୁଡ଼ିକ ସହ ସାକ୍ଷାତ ଆଲୋଚନା କରିଥିଲେ । ସେଠାକାର ଏକ ଡାକବଙ୍ଗଳାରେ ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସେମାନଙ୍କୁ ସମବେଦନା ଜଣାଇଥିଲେ । ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରବର୍ଗଙ୍କୁ ଆର୍ଥିକ ସହାୟତା ଏବଂ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ ।

ଗତକାଲି ଶ୍ରୀ ଶାହା ରାଜଭବନରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ଅଧ୍ୟକ୍ଷତା କରିବା ସହ ଅମରନାଥ ଯାତ୍ରା ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଅମରନାଥ ଯାତ୍ରାର ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଶ୍ରୀ ଶାହା ସୂଚନା ଦେଇଥିଲେ । ବୈଠକରେ ଉପରାଜ୍ୟପାଳ ମନୋଜ ସିହ୍ନା, ସେନାମୁଖ୍ୟ ଜେନେରାଲ୍  ଉପେନ୍ଦ୍ର ଦ୍ୱିବେଦୀ, କେନ୍ଦ୍ର ଗୃହସଚିବ ଗୋବିନ୍ଦ ମୋହନ,

ଜାମ୍ମୁକାଶ୍ମୀର ମୁଖ୍ୟ ସଚିବ ଅଟଳ ଦୁଲୋ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଶ୍ରୀ ଶାହା ସାମାଜିକ ଗଣମାଧ୍ୟମ ଏକ୍ସରେ ସୁରକ୍ଷା ସଂପର୍କିତ ବୈଠକ ସଂପର୍କରେ ସୂଚନା ଦେଇଛନ୍ତି । ଗସ୍ତର ଆଜି ଦ୍ୱିତୀୟ ଦିନରେ ଶ୍ରୀ ଶାହା ପୁଞ୍ଚ୍ ଜିଲ୍ଲା ନିକଟବର୍ତ୍ତୀ ଖାନେତାରସ୍ଥିତ ବିଏସ୍ଏଫ୍ ମୁଖ୍ୟାଳୟରେ ଯବାନମାନଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ସ୍ୱରାଷ୍ଟ୍ରମନ୍ତ୍ରୀ ସ୍ଥାନୀୟ ଧାର୍ମିକସ୍ଥଳୀ ପରିଦର୍ଶନ ସହ ସେଠାକାର ଲୋକମାନଙ୍କ ସହିତ ଭାବ ବିନିମୟ କରିବେ ବୋଲି ଜଣାପଡ଼ିଛି ।

---

# ବିଜେପି-କଂଗ୍ରେସ

ଭାରତୀୟ ଜନତାପାର୍ଟି ଅପରେସନ ସିନ୍ଦୂର ସଂପର୍କରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ମନ୍ତବ୍ୟକୁ ନେଇ କଡ଼ା ସମାଲୋଚନା କରିଛି । ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ଦଳର ମୁଖପାତ୍ର ସମ୍ବିତପାତ୍ର କହିଛନ୍ତି, କଂଗ୍ରେସ ନେତାଙ୍କର ଅପରେସନ ସିନ୍ଦୂର ସଂପର୍କରେ ମନ୍ତବ୍ୟ ଦେଶର ସେନାବାହିନୀର ମନୋବଳକୁ ହ୍ରାସ କରୁଛି । ସେ କହିଛନ୍ତି ସର୍ବଦଳୀୟ ସଂସଦୀୟ ପ୍ରତିନିଧି ମଣ୍ଡଳୀମାନେ ପର୍ଯ୍ୟଟନ ଗସ୍ତରେ ନାହାନ୍ତି, ବରଂ ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦ ବିରୁଦ୍ଧରେ ଭାରତର ସ୍ଥିତିକୁ ପ୍ରତିନିଧିତ୍ୱ କରିବା ପାଇଁ ଏକ ମିଶନରେ ଅଛନ୍ତି । ଶ୍ରୀ ପାତ୍ର କହିଛନ୍ତି, କଂଗ୍ରେସ ଦଳରେ ଆଭ୍ୟନ୍ତରୀଣ ବିବାଦ ରହିଛି ।

---

# ଆଇପିଏଲ୍

ଆଇପିଏଲ୍ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ରେ ଆଜି ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ନ୍ୟୁ ଚଣ୍ଡିଗଡ଼ରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ପ୍ରଥମ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୮ ୱିକେଟ୍‌ରେ ପଞ୍ଜାବ କିଙ୍ଗସ୍‌କୁ ପରାସ୍ତ କରିଛି । ଚଣ୍ଡିଗଡ଼ରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପଞ୍ଜାବ କିଙ୍ଗସ୍ ୧୪ ଓଭର ଗୋଟିଏ ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୦୧ ରନ୍ ସ୍କୋର କରିଥିଲା । ଜବାବରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ମାତ୍ର ୧୦ ଓଭରରେ ୨ ୱିକେଟ୍ ବିନିମୟରେ ୧୦୬ରନ୍ ସ୍କୋର କରିଥିଲା । ଏଥିସହିତ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ସିଧାସଳଖ ଫାଇନାଲ୍‌କୁ ଉନ୍ନିତ ହୋଇଛି । ପରାଜିତ ପଞ୍ଜାବ କିଙ୍ଗସ୍ ଦ୍ୱିତୀୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆସନ୍ତା ରବିବାର ଦିନ ଏଲିମିନେଟର୍ ପର୍ଯ୍ୟାୟ ବିଜେତା ଦଳ ସହ ମୁକାବିଲା କରିବ ।